ଓଡ଼ିଶା ସାହିତ୍ୟ ଏକାଡେମୀ

# ସମାଚାର

Orissa Sahitya Akademi Samachar

17th Issue : April - June 2009

ସଂଖ୍ୟା ୧୭ : ଅପ୍ରେଲ - ଜୁନ ୨୦୦୯



## କବି ସୌଭାଗ୍ୟ ମିଶ୍ରଙ୍କୁ ସାହିତ୍ୟ ଭାରତୀ

ଗଙ୍ଗାଧର ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପ୍ରଦତ୍ତ ଓଡ଼ିଆ ଭାଷା ଓ ସାହିତ୍ୟର ମର୍ଯ୍ୟାଦାଜନକ ପୁରସ୍କାର 'ସାହିତ୍ୟ ଭାରତୀ' କବି ଡକ୍ଟର ସୌଭାଗ୍ୟ କୁମାର ମିଶ୍ର ଲାଭ କରିଛନ୍ତି। ଇଂରାଜୀ ଭାଷା ଓ ସାହିତ୍ୟର ବରିଷ୍ଠ ପ୍ରଫେସର, ବିଶିଷ୍ଟ କବି, ଓଡ଼ିଆ ସାହିତ୍ୟର ପ୍ରବୀଣ ସାରସ୍ୱତସାଧକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ପରିଷଦର ମାନ୍ୟବର ସଦସ୍ୟ ଡକ୍ଟର ସୌଭାଗ କୁମାର ମିଶ୍ର ତାଙ୍କର ସାମଗ୍ରିକ କୃତି ପାଇଁ ଏହି ସମ୍ମାନ ଲାଭ କରିଛନ୍ତି। ପ୍ରଫେସର ମିଶ୍ର ଏଥିପୂର୍ବରୁ ତାଙ୍କର ଅନନ୍ୟ କାବ୍ୟଗ୍ରନ୍ଥ 'ଦ୍ୱାସୁପର୍ଣ୍ଣା' ନିମନ୍ତେ ୧୯୮୬ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ଏବଂ ୧୯୭୯ ମସିହାରେ ତାଙ୍କର 'ଅନ୍ଧ ମହୁମାଛି' କବିତା ଗ୍ରନ୍ଥ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛି। ଜଣେ ଯୁଗପ୍ରବର୍ତ୍ତକ କାବ୍ୟ ପୁରୁଷ ଭାବରେ ସେ ଆଧୁନିକ ଓଡ଼ିଆ କବିତା ଜଗତରେ ସୁପ୍ରତିଷ୍ଠିତ । ସେ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ଓଡ଼ିଆ କବିତା ସର୍ଜନାରେ ମଗ୍ନ ରହିଛନ୍ତି। ତାଙ୍କର ଏହି ପୁରସ୍କାର ପ୍ରାପ୍ତି ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି ।

## ଓଡ଼ିଶା ସାହିତ୍ୟ ଏକାଡେମୀ : ସୁବର୍ଣ୍ଣ ଜୟନ୍ତୀର ସୁବର୍ଣ୍ଣ ଅଧ୍ୟାୟ

ଗା ୦୨.୦୫.୨୦୦୯ରିଖ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ଏକାଡେମୀର ସଭାପତି ଡକ୍ଟର ହୁସେନ୍ ରବିଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ ପରିଷଦ ବୈଠକରେ ୨୦୦୭ ଓ ୨୦୦୮ ମସିହା ପାଇଁ ଓ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଚାଶ ଜଣ ବୟୋଜ୍ୟେଷ୍ଠ ସାରସ୍ୱତ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠାର ପଚାଶ ବର୍ଷ ପୂର୍ତ୍ତୀ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନ ପର୍ବରେ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ ସାରସ୍ୱତ ସାଧକ/ ସାଧିକାମାନଙ୍କୁ ୨ ହଜାର ଟଙ୍କା ସହିତ ତାମ୍ରଫଳକ ମାନପତ୍ର ଓ ସ୍ୱତନ୍ତ୍ର ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଏହି ଅବସରରେ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରବୀଣ ସାହିତ୍ୟିକମାନେ ହେଲେ - ୨୦୦୭ ମସିହା ପାଇଁ : ଗଙ୍ଗାଧର ନନ୍ଦ (କୋରାପୁଟ ) ପ୍ରମିଳା କୁମାରୀ ପଟ୍ଟନାୟକ (ନବରଙ୍ଗପୁର), ଭାଗବତ ପ୍ରସାଦ ରଥ (ରାୟଗଡ଼ା), ନିତ୍ୟାନନ୍ଦ ସ୍ୱାଇଁ (ଜଗତସିଂହପୁର), ତାରିଣୀ ଚରଣ ଦାସ (ଗଞ୍ଜାମ), ଏକାଦଶୀ ପ୍ରସାଦ ବୋଇତାଇ (ଖୋର୍ଦ୍ଧା), ରାଧାମାଧବ ମିଶ୍ର (ନୟାଗଡ଼), ସର୍ବେଶ୍ୱର ଦାସ (ପୁରୀ), ରବିନାରାୟଣ ମହାପାତ୍ର (କଟକ), ଦିବାକର ବିଶ୍ୱାଳ (କେନ୍ଦ୍ରାପଡ଼ା)। ୨୦୦୮ ମସିହା ପାଇଁ : ରଘୁନାଥ ମିଶ୍ର (ଗଞ୍ଜାମ), ଲକ୍ଷ୍ମଣ ପରିଡ଼ା (ପୁରୀ), ଉମାକାନ୍ତ ନନ୍ଦ (କଟକ), ନୃସିଂହ ପ୍ରସାଦ ଗୁରୁ (ବଲାଙ୍ଗିର), ନବକିଶୋର ପଣ୍ଡା (ଯାଜପୁର) ଅଚ୍ୟୁତାନନ୍ଦ ସାମଲ (ଭଦ୍ରକ), ରମାକାନ୍ତ ବେହେରା (ବାଲେଶ୍ୱର), ଶିବପ୍ରସାଦ ବିଶ୍ୱାଳ (ମୟୂରଭଞ୍ଜ), ପ୍ରେମଲତା ଆଚାର୍ଯ୍ୟ (କେନ୍ଦୁଝର), ବିନୋଦ ବିହାରୀ ପଶାୟତ (ସମ୍ବଲପୁର)।

**ପ୍ରେମ ଓ ପ୍ରାର୍ଥନାର ପଚାଶ ବର୍ଷ**
**ପ୍ରଜ୍ଞା ଓ ପ୍ରବୀଣତାରେ ପଚାଶ ପ୍ରତିଭା**

ଏତଦ୍‌ବ୍ୟତୀତ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ ହେବାକୁ ଥିବା ସାରସ୍ୱତ ସାଧକ / ସାଧିକାମାନେ ହେଲେ : ମଧୁସୂଦନ ଦେବ (ଟେକାଲୀ ), ବିନି ଷଡ଼ଙ୍ଗୀ (ପୂର୍ବ ସିଂହଭୂମ), କୃଷ୍ଣଚନ୍ଦ୍ର ଭୂୟାଁ (କୋଲକାତା), ଚନ୍ଦ୍ରମଣି ନାରାୟଣ ସ୍ୱାମୀ (ଭୁବନେଶ୍ୱର), ନାରାୟଣ ଶତପଥୀ (ଖୋର୍ଦ୍ଧା), କାର୍ତ୍ତିକେଶ୍ୱର ସାହୁ (କଟକ), ବିଷ୍ଣୁଚରଣ ମିଶ୍ର (ଜଗତସିଂହପୁର), ପୂର୍ଣ୍ଣଚନ୍ଦ୍ର ମହାପାତ୍ର (ଗଜପତି), ପ୍ରଶାନ୍ତ ପଟ୍ଟନାୟକ (ପ୍ରୀତମ୍) (ଭୁବନେଶ୍ୱର), ବୀଣାପାଣି ମହାପାତ୍ର (ଭୁବନେଶ୍ୱର), ସୁପ୍ରଭା ରାୟ (ଭୁବନେଶ୍ୱର), ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ (ଭୁବନେଶ୍ୱର), ନରସିଂହ ମିଶ୍ର (ଅନୁଗୋଳ), ଜଗମୋହନ ମିଶ୍ର (ଦେବଗଡ଼), ରବି ନାୟକ (ଜଗତସିଂହପୁର), ବ୍ରଜ କିଶୋର ଦାସ (ଗଞ୍ଜାମ), ଭାଗୀରଥି ଦାସ (ଜଗତସିଂହପୁର), ରଣଧୀର ଦାସ (କଟକ), ରଙ୍ଗାଧର ଷଡଙ୍ଗୀ (ଢେଙ୍କାନାଳ), ଅବନୀ କୁମାର ବରାଳ (ଖୋର୍ଦ୍ଧା) , ବିନୋଦିନୀ ଗନ୍ତାୟତ (ଗଞ୍ଜାମ) ଗୌନ୍ତିଆ ମହମ୍ମଦ ଜମିଉଲ୍ଲା (ଝାରସୁଗୁଡ଼ା), ବୈରାଗୀ ଚରଣ ଜେନା (ଯାଜପୁର), ପ୍ରଭାକର ମଲ୍ଲିକ (ଭଦ୍ରକ), ଇନ୍ଦୁଭୂଷଣ କର (ବାଲେଶ୍ୱର), ଦୁର୍ଗା ପ୍ରସନ୍ନ ପଣ୍ଡା (ବାଲେଶ୍ୱର), ହେମଚନ୍ଦ୍ର ଆଚାର୍ଯ୍ୟ (ବରଗଡ଼), ଜଗଦାନନ୍ଦ ଛୁରିଆ (ବଲାଙ୍ଗିର), ନରସିଂହ ନନ୍ଦ (ଖୋର୍ଦ୍ଧା), ଲକ୍ଷ୍ମୀଧର ମହାନ୍ତି (ପୁରୀ)।

# ଭକ୍ତକବି ଦୀନକୃଷ୍ଣଦାସ ରୀତି ଯୁଗୀୟସାହିତ୍ୟର ଶ୍ରେଷ୍ଠ ସାଧକ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଦୀନକୃଷ୍ଣ ସ୍ମୃତି ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀଯୁକ୍ତ ହରିପଦ ଶତପଥୀଙ୍କ ପୌରୋହିତ୍ୟରେ ତା ୨୬.୪.୦୯ ରିଖ ପୂର୍ବାହ୍ନ ୯ ଘଣ୍ଟା ସମୟରେ ଜଳେଶ୍ୱରସ୍ଥ 'ଗ୍ରୀନ୍‌ରେ' ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ଡକ୍ଟର ଦୁର୍ଗାମାଧବ ପୃଷ୍ଟି ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି ଦୀନକୃଷ୍ଣଙ୍କ ରସକଲ୍ଲୋଳ କାବ୍ୟ ଉପରେ ବିଶଦ୍ ଭାବରେ ଆଲୋଚନା କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଡକ୍ଟର ଭାଗବତ ବେହେରା କହିଲେ ଯେ, ରୀତିଯୁଗୀୟ ସାହିତ୍ୟ ପରମ୍ପରାରେ ସାଧାରଣ ଲୋକଙ୍କ ଜୀବନଗାଥା, ଚାଲିଚଳଣୀ, ସାମାଜିକ ରୀତିନୀତିର ପ୍ରତିଫଳନ ଅପେକ୍ଷାକୃତ କମ୍ ଥିବାବେଳେ ଦୀନକୃଷ୍ଣଙ୍କ ସାହିତ୍ୟ କେବଳ ସାଧାରଣ ଲୋକଙ୍କ ଜୀବନଶୈଳୀକୁ ନେଇ ପରିପୁଷ୍ଟ ହୋଇଥିବାରୁ ଏହାର ଉପାଦେୟତା ଦିନକୁ ଦିନ ପାଠକମାନଙ୍କ ଦ୍ୱାରା ବହୁଳ ଭାବରେ ଆଦର ଲାଭ କରୁଛି । ଡକ୍ଟର ଶ୍ରୀକାନ୍ତ ଚରଣ ପାତ୍ର ଓ ପ୍ରାଧ୍ୟାପକ ବିପିନ୍ ବିହାରୀ ବିଶ୍ୱାଳ ଜୟନ୍ତୀ ସଭାରେ ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରି ଓଡ଼ିଆ ଜାତିର ସାଂସ୍କୃତିକ ଚେତନା, ଜଗନ୍ନାଥଙ୍କ ପ୍ରତି ନିଗୂଢ଼ ଭକ୍ତି ଦୀନକୃଷ୍ଣ ସାହିତ୍ୟରେ ଭରି ରହିଛି ବୋଲି ଆଲୋଚନା ପ୍ରସଙ୍ଗରେ ପ୍ରକାଶ କରିଥିଲେ । ଡକ୍ଟର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର ଅନ୍ୟତମ ସମ୍ମାନନୀୟ ଅତିଥି ଭାବରେ ଏଥିରେ ଯୋଗଦାନ କରି ଦୀନକୃଷ୍ଣଙ୍କ ଯୋଗୁ ଓଡ଼ିଆ ଭକ୍ତି ସାହିତ୍ୟ ବହୁଭାବରେ ସମୃଦ୍ଧ ହୋଇପାରିଛି ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଦୀନକୃଷ୍ଣଙ୍କ ପ୍ରତି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ରାଜା ବାସୁଦେବ ସୁଢ଼ଳ ଦେବ ଓଡ଼ିଆ ଭାଷାର ସେବକ ଥିଲେ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବାମଣ୍ଡା ସାହିତ୍ୟ ସଂସଦ, ଦେବଗଡ଼ଙ୍କ ମିଳିତ ସହଯୋଗରେ ପ୍ରଖ୍ୟାତ ସାରସ୍ୱତ ସାଧକ ରାଜା ବାସୁଦେବ ସୁଢ଼ଳ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ତା ୧୬.୦୫.୦୯ ରିଖ ସନ୍ଧ୍ୟା ୭.୦୦ ଘଣ୍ଟା ସମୟରେ ଦେବଗଡ଼ସ୍ଥ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥିମାନେ ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ଶ୍ରୀଯୁକ୍ତ ନୀଳଲୋହିତ ସିଂହଦେଓ ଯୋଗଦାନ କରି ବାସୁଦେବ ସୁଢ଼ଳଦେବଙ୍କ ଅସାଧାରଣ ପାଣ୍ଡିତ୍ୟ ଓ ଅଗାଧ ବିଦ୍ୱଜ୍ଜନ ପ୍ରୀତି ପାଇଁ ସେ ଯେଉଁଭଳି ଭାବରେ ସମଗ୍ର ସୁଧୀସମାଜରେ ଆଦୃତ ଓ ପ୍ରଶଂସାଭାଜନ ହୋଇପାରିଥିଲେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ଗିରିଧାରୀ ନନ୍ଦ ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବାମଣ୍ଡାଧୀଶ୍ୱରଙ୍କର ବିଭିନ୍ନ ରଚନାବଳୀ ସେ ସମୟରେ ଓଡ଼ିଆ କାବ୍ୟ ରାଜ୍ୟରେ କିପରି ସୁପରିଚିତ ହୋଇପାରିଥିଲା ଏବଂ ପ୍ରାଚୀନ ସଂସ୍କୃତ ସାହିତ୍ୟ ଓ ଆଧୁନିକ ଓଡ଼ିଆ ସାହିତ୍ୟରେ ସେ ଯେଉଁଭଳି ଭାବରେ ସମନ୍ୱୟ ସ୍ଥାପନ କରିପାରିଥିଲେ ସେ ବିଷୟରେ ବିଶଦ ଆଲୋଚନ କରିଥିଲେ । ସମ୍ମାନନୀୟ ବକ୍ତା ଭାବରେ ଡକ୍ଟର ଅଖିଳ ଚରଣ ସାହୁ ଯୋଗଦାନ କରି ବାସୁଦେବ ସୁଢ଼ଳଦେବଙ୍କର ଓଡ଼ିଆ ସାହିତ୍ୟକୁ ଦେଇଥିବା ବିଭିନ୍ନ ଉପାଦେୟ ଦୃଷ୍ଟାନ୍ତମାନ ଆଲୋଚନା କରିବା ସହ ତାଙ୍କର ଗଭୀର ସାହିତ୍ୟାନୁରାଗ, ପୃଷ୍ଠପୋଷକତା ଓ ପ୍ରୋତ୍ସାହନ ଫଳରେ ବହୁ କବି, ଲେଖକ ଓ ସାହିତ୍ୟିକଙ୍କୁ ସେ ସୃଷ୍ଟି କରିପାରିଥିଲେ ବୋଲି ତାଙ୍କର ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ଉତ୍ସବରେ ପୌରୋହିତ୍ୟ କରି ଏକାଡେମୀର ସାଧାରଣ ପରିଷଦର ସଦସ୍ୟ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମହାପାତ୍ର ତାଙ୍କର ଅଭିଭାଷଣରେ ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ସାହିତ୍ୟାନୁରାଗ ଓଡ଼ିଆ ଭାଷାକୁ ପ୍ରଚାର ଓ ପ୍ରସାର କରିବା ସଙ୍ଗେ ସଙ୍ଗେ ସୁରକ୍ଷା ପ୍ରଦାନ କରିଥିଲା ବୋଲି ଦର୍ଶାଇଥିଲେ ।



# ଉତ୍କଳୀୟ ସଂସ୍କୃତିର ଶ୍ରେଷ୍ଠ ଉପାସକ :କବି ବ୍ରଜନାଥ ବଡ଼ଜେନା

ଓଡ଼ିଶା ସାହିତ୍ୟ ଏକାଡେମୀ, ଜିଲ୍ଲା ସଂସ୍କୃତି ପରିଷଦ, ଢେଙ୍କାନାଳ ଓ ଢେଙ୍କାନାଳର ସ୍ଥାନୀୟ ସାରସ୍ୱତ ଅନୁଷ୍ଠାନମାନଙ୍କ ମିଳିତ ଆନୁକୂଲ୍ୟରେ କବି ବ୍ରଜନାଥ ବଡ଼ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଢେଙ୍କାନାଳସ୍ଥ ଗୋପବନ୍ଧୁ ଟାଉନହଲ୍ ଠାରେ ତା୧୪.୪.୦୯ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଏକ ସାରସ୍ୱତ ସଭା ଆୟୋଜନ କରାଯାଇଥିଲା । ଏହି ସଭାକୁ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଶ୍ରୀ ଚନ୍ଦ୍ରଶେଖର ଦାସବର୍ମା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ଗୁରୁ ଜାମିନୀରଞ୍ଜନ ଦାସ ଶଙ୍କରାଚାର୍ଯ୍ୟ ବିରଚିତ 'ନିର୍ବାଣ ଶତକମ୍'ରୁ କିୟଦଂଶ ପାଠ କରିଥିଲେ । ଏହି ଜୟନ୍ତୀ ସଭାରେ ସାହିତ୍ୟିକ ଶ୍ରୀ ମନୋରଞ୍ଜନ ନନ୍ଦ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି କବି ବ୍ରଜନାଥ ବଡ଼ଜେନାଙ୍କ ସାରସ୍ୱତ ସୃଷ୍ଟି ସମ୍ଭାର ଉପରେ ସମ୍ୟକ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି ଶ୍ରୀ ପ୍ରଦ୍ୟୁମ୍ନ ରଥ କବିଙ୍କ ପ୍ରସିଦ୍ଧ କାବ୍ୟ 'ସମର ତରଙ୍ଗ'ର ବାସ୍ତବ କଥାବସ୍ତୁର ଦୃଷ୍ଟାନ୍ତ ଅବତାରଣା କରିଥିଲେ । ମୁଖ୍ୟବକ୍ତା ଡକ୍ଟର ନାରାୟଣ ପଣ୍ଡା କବିଙ୍କୁ ଜଣେ ବହୁମୁଖୀ ପ୍ରତିଭାଧର ତଥା ସାର୍ଥକ ସାରସ୍ୱତ ସାଧକ ଭାବେ ବର୍ଣ୍ଣନା କରିବା ସହିତ କବିଙ୍କ ଜନ୍ମ ସମୟ ସମ୍ପର୍କରେ ଯେଉଁ ଭିନ୍ନ ମତ ପ୍ରକାଶ ପାଉଛି ତାହା ସଠିକ୍ ଭାବେ ନିର୍ଣ୍ଣୟ କରିବା ପାଇଁ ଗବେଷକମାନେ ଚେଷ୍ଟିତ ହେଲେ ଏହା ଓଡ଼ିଆ ସାହିତ୍ୟ ପାଇଁ ଶୁଭଙ୍କର ହେବ ବୋଲି ମତବ୍ୟକ୍ତ କରିଥିଲେ । ଏକାଡେମୀର ଉପସଭାପତି ଶ୍ରୀ ଚନ୍ଦ୍ରଶେଖର ଦାସବର୍ମା ଏଥିରେ ପୌରୋହିତ୍ୟ କରି ରୀତିଯୁଗର ସାରସ୍ୱତ ସ୍ରଷ୍ଟା କବି ବ୍ରଜନାଥ ବଡ଼ଜେନାଙ୍କ ଅନନ୍ୟ ପ୍ରତିଭା ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । ଢେଙ୍କାନାଳ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଶୁକ୍ରୁ ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂସ୍କୃତି ଭବନରେ ସଂସ୍କୃତି ମନ୍ତ୍ରୀ



ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଶ୍ରୀ ଦେବୀ ପ୍ରସାଦ ମିଶ୍ର ଦାୟିତ୍ୱ ଗ୍ରହଣ କରିବା ପରେ ତା ୨୬.୫.୨୦୦୯ରିଖ ଅପରାହ୍ଣ ୪ ଘଣ୍ଟା ସମୟରେ ସଂସ୍କୃତି ଭବନକୁ ପରିଦର୍ଶନରେ ଆସିଥିଲେ। ସଂସ୍କୃତି ସଚିବ ଶ୍ରୀ ରବୀନ୍ଦ୍ରନାଥ ଦାଶ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ରନାଥ କର, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ହରପ୍ରସାଦ ପରିଚ୍ଛା ପଟ୍ଟନାୟକ ପ୍ରମୁଖ ସଂସ୍କୃତି ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ସଂସ୍କୃତି ଭବନ ଦ୍ୱାରଦେଶରେ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଭିନ୍ନ ଦପ୍ତରକୁ ପାଛୋଟି ନେଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟାଳୟରେ ମାନ୍ୟବର ମନ୍ତ୍ରୀ, ଅଧିକାରୀ ଓ କର୍ମଚାରୀମାନଙ୍କ ସହ କିଛି ସମୟ ପାଇଁ ଭାବ ବିନିମୟ କରିଥିଲେ। ଏକାଡେମୀର ବିଭିନ୍ନ କାର୍ଯ୍ୟାବଳୀ ଓ ପ୍ରକାଶନ ସମ୍ପର୍କରେ ସଚିବ ଡକ୍ଟର ହରପ୍ରସାଦ ପରିଚ୍ଛା ପଟ୍ଟନାୟକ ମାନ୍ୟବର ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କୁ ଅବଗତ କରାଇଥିଲେ । ଏକାଡେମୀର ସମ୍ବାଦ ବୁଲେଟିନ 'ଏକାଡେମୀ ସମାଚାର' ନିୟମିତ ପ୍ରକାଶ ପାଇ ଏକାଡେମୀ କାର୍ଯ୍ୟାବଳୀ ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରାଇପାରୁଥିବାରୁ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ।

# ପ୍ରଗତିଶୀଳ କବିତାର ଅନନ୍ୟ ରୂପକାର କବି ଅନନ୍ତ ପଟ୍ଟନାୟକ



ଉତ୍କଳ ସାହିତ୍ୟ ସମାଜ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ କବି ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ କବି ଅନନ୍ତ ପଟ୍ଟନାୟକଙ୍କ ସ୍ମୃତିସନ୍ଧ୍ୟା ତା ୨୫.୬.୦୯ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଶ୍ରୀ ଅନ୍ନଦ ପ୍ରସାଦ ରାୟଙ୍କ ସଭାପତିତ୍ୱରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଘର ନେତା ଶ୍ରୀ ଅବନୀ କୁମାର ବରାଳ ଏହି ସ୍ମୃତିସନ୍ଧ୍ୟାଟିକୁ କବି ଅନନ୍ତ ପଟ୍ଟନାୟକଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା କବି ଅନନ୍ତ ପଟ୍ଟନାୟକଙ୍କ ସ୍ମାରକୀ ବକ୍ତୃତା ପ୍ରଦାନ କରିବା ସହିତ ତାଙ୍କର ଜୀବନାଦର୍ଶ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ଓଡ଼ିଆ ସାହିତ୍ୟ ଉପରେ ପ୍ରଭାବ, ପୃଥିବୀର ବିଭିନ୍ନ ସାହିତ୍ୟ ଧାରା ଉପରେ ତୁଳନାତ୍ମକ ବିଶ୍ଳେଷଣ କରି ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ଶ୍ରୀ ବିଜୟ କୁମାର ପଢ଼ିହାରୀ ଏଥିରେ ସ୍ୱାଗତ ଭାଷଣ ପ୍ରଦାନ କରି ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ କମିଟି ସଭ୍ୟ ଡକ୍ଟର ବିଜୟାନନ୍ଦ ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଡକ୍ଟର ସୁବୋଧ ପଟ୍ଟନାୟକ ସଭାଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




# ଔପନ୍ୟାସିକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ପରଲୋକ

ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ କଥାକାର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କର ତାଙ୍କ ଭୁବନେଶ୍ୱରସ୍ଥିତ ବାସ ଭବନରେ ୨୦.୬.୦୯ରିଖରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ରହିଥିଲେ । ସେ ତାଙ୍କର ସାହିତ୍ୟ କୃତି ପାଇଁ ଓଡ଼ିଆ ପାଠକଙ୍କ ପାଖରେ ବେଶ ପରିଚିତ ଥିଲେ । ସ୍ୱର୍ଗତ ମହାନ୍ତିଙ୍କ ଉପନ୍ୟାସ ଗୁଡ଼ିକ ମଧ୍ୟରୁ 'ଭାଗବତ ଟୁଙ୍ଗି' ପାଇଁ ସେ ବିଶେଷ ପରିଚିତ ହୋଇଥିଲେ । ଏହି ଉପନ୍ୟାସର ହିନ୍ଦୀ ଅନୁବାଦ 'ଭାଗବତ ଘର' କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପୁରସ୍କୃତ ହୋଇଥିଲା। ସ୍ୱର୍ଗତ ମହାନ୍ତି ଭଦ୍ରକର ବାମନବିନ୍ଧା ଗ୍ରାମରେ ୧୯୨୯ ମସିହା ମେ ୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁରେ ଓଡ଼ିଶା ସାହିତ୍ୟ ଏକାଡେମୀ ପରିବାର ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଅଛି ।

# ମହାପାତ୍ର ଯତୀନ୍ଦ୍ର କୁମାରଙ୍କ ବିୟୋଗ

ଔପନ୍ୟାସିକ ମହାପାତ୍ର ଯତୀନ୍ଦ୍ର କୁମାରଙ୍କ ତା ୧୫.୫.୦୯ରିଖରେ ଭୁବନେଶ୍ୱରଠାରେ ବିୟୋଗ ଘଟିଛି। ଭଦ୍ରକ ଜିଲ୍ଲାସ୍ଥ ପୁରୁଣା ବଜାର ସନ୍ନିକଟ ବାବୁ ସାହିରେ ସେ ୨.୧୦.୧୯୩୩ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ମୃତ୍ୟୁ ସମୟକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଶୈଶବ ଅବସ୍ଥାରୁ ତାଙ୍କର ଓଡ଼ିଆ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରକ୍ତି ଥିଲା। ସେ ଦୀର୍ଘ ପାଠିଏ ବର୍ଷ ଧରି ସାରସ୍ୱତ ସାଧନାରେ ବ୍ରତୀ ରହିଥିଲେ। ତାଙ୍କ ସୃଷ୍ଟିଗୁଡ଼ିକ ମଧ୍ୟରୁ ଶତ୍ରୁ ଶିବିର, ମରୁନଦୀର ବନ୍ୟା, ଅଜ୍ଞାତବାସ, ଅଭିଶପ୍ତ ଉପତ୍ୟକା, ତୃତୀୟ ନୟନ, ଅସଲଗ୍ନ ଓ ଜ୍ୱାଳାମୁଖୀ ପ୍ରଭୃତି ଉପନ୍ୟାସ ଗୁଡ଼ିକ ପାଠକମାନଙ୍କ ନିକଟରେ ଆଦର ଲାଭ କରିଛି। ତାଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

# ଭୀମଭୋଇଙ୍କ ସାହିତ୍ୟ ବିଶ୍ୱସ୍ତରୀୟ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭୀମଭୋଇ ସାହିତ୍ୟ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ତା ୯.୫.୦୯ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲସ୍ଥ କଦମ୍ବ ପଡ଼ିଆଠାରେ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀଯୁକ୍ତ ଦୁର୍ଗାପ୍ରସାଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ ସଭାର ପ୍ରାରମ୍ଭରେ ଭୀମଭୋଇ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ଅରୁଣ କୁମାର ଶାସିନି ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡକ୍ଟର ଅଶୋକ କୁମାର ଦାଶ ଯୋଗଦାନ କରି ତାଙ୍କର ଅଭିଭାଷଣରେ ତତ୍କାଳୀନ ସମାଜରେ ପ୍ରଚଳିତ ଥିବା କୁସଂସ୍କାର, ଅନ୍ଧବିଶ୍ୱାସ, ମୂର୍ତ୍ତିପୂଜା ଓ ଜାତିପ୍ରଥା ବିରୁଦ୍ଧରେ ଭୀମଭୋଇ ତାଙ୍କର ରଚନା ମାଧ୍ୟମରେ ଯେଉଁଳି ଭାବରେ ନିଜର ବଜ୍ରଗମ୍ଭୀର ସ୍ୱର ଉତ୍ତୋଳନ କରିଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ କୁମାର ହସନ୍ ଯୋଗଦାନ କରି ଦିବ୍ୟଦ୍ରଷ୍ଟା ସନ୍ଥକବିଙ୍କର ଆଦର୍ଶ ଜୀବନ ଓ ଜଗତ କଲ୍ୟାଣ ପାଇଁ ତାଙ୍କର ଅନନ୍ୟ କାବ୍ୟସୃଷ୍ଟି ଆଦି ବିଶ୍ୱସାହିତ୍ୟର ମର୍ଯ୍ୟାଦା ଲାଭ କରିଛି ଏବଂ ନିଜ ଜନ୍ମମାଟିର ଲୋକସଂସ୍କୃତି ଓ ଲୋକ ପରମ୍ପରା ପ୍ରତି ସେ ଯେଉଁ ଗଭୀର ସମ୍ମାନ ଓ ଶ୍ରଦ୍ଧା ଜଣାଇ ଅଛନ୍ତି ତାହା ତାଙ୍କୁ ଅମରତ୍ୱ ପ୍ରଦାନ କରିଛି ବୋଲି ପ୍ରକାଶ କରିଥିଲେ। ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀଯୁକ୍ତ ଦୁର୍ଗାପ୍ରସାଦ ପଣ୍ଡା ଉତ୍ସବରେ ପୌରୋହିତ୍ୟ କରି ତାଙ୍କ ଅଭିଭାଷଣରେ ସନ୍ଥକବିଙ୍କ ଅନନ୍ୟ ସୃଷ୍ଟି ଉପରେ ଆଲୋଚନା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଏହି କାବ୍ୟଶିଳ୍ପୀଙ୍କର ଦଳିତ, ନିଷ୍ପେଷିତଙ୍କ ପ୍ରତି ଥିବା ଗଭୀର ବେଦନାବୋଧ ଓ ସମ୍ବେଦନଶୀଳତା ହେତୁ ସେ ସନ୍ଥ ଭାବରେ ପୂଜିତ ହେଉଛନ୍ତି ଓ ଭୀମଭୋଇ ଓଡ଼ିଆ ସମାଜ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅତି ନିଖୁଣ ଭାବରେ ସୃଷ୍ଟି କରିଯାଇଛନ୍ତି ବୋଲି ପ୍ରକାଶ କରିଥିଲେ । ଶେଷରେ ଭୀମଭୋଇ ସାହିତ୍ୟ ପରିଷଦ ପକ୍ଷରୁ ଶ୍ରୀଯୁକ୍ତ ହାଡ଼ିବନ୍ଧୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏକାଡେମୀ ସଭାପତିଙ୍କ କାର୍ଯ୍ୟକାଳ ଏକବର୍ଷ ସମ୍ପୂର୍ଣ୍ଣ



ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୪୬୦/ସଂ.ସି. ତା ୨୮.୦୫.୨୦୦୮ ରିଖ ଅନୁସାରେ ଡକ୍ଟର ହୁସେନ୍ ରବିଗାନ୍ଧୀ ତା ୨୮.୦୫.୨୦୦୮ରିଖ ଠାରୁ ଏକବର୍ଷ ଲାଗି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ପଦବୀରେ ଅଧିଷ୍ଠିତ ହୋଇଥିଲେ ।ଗତ ତା ୨୭.୦୫.୨୦୦୯ ରିଖ ଠାରୁ ଏହି ଅବଧି ସମ୍ପୂର୍ଣ୍ଣ ହୋଇଯାଇଛି। ଡକ୍ଟର ଗାନ୍ଧୀ ଏକାଡେମୀର ଅଠେଇଶତମ ସଭାପତି ଭାବରେ ଏହି ମର୍ଯ୍ୟାଦାସମ୍ପନ୍ନ ପଦ ମଣ୍ଡନ କରି ଗୌରବ ମଣ୍ଡିତ ହୋଇଛନ୍ତି। ସମଗ୍ର ରାଜ୍ୟ ତଥା ରାଜ୍ୟ ବାହାରେ ସରକାରୀ ଓ ବେସରକାରୀ ସ୍ତରରେ ଆୟୋଜିତ ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମମାନଙ୍କରେ ସେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରସାର ଦିଗରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବାବେଳେ ଆମରାଜ୍ୟର ସାହିତ୍ୟିକମାନଙ୍କ ମଧ୍ୟରେ ସଂପ୍ରୀତି, ସଦ୍ଭାବନା ଓ ସାଂସ୍କୃତିକ ଐକ୍ୟକୁ ସମୃଦ୍ଧ କରି ସେ ଶ୍ରଦ୍ଧାଭାଜନ ହୋଇଛନ୍ତି। ଜଣେ ବରିଷ୍ଠ କବି, ସୁଲେଖକ, ବାଗ୍ମୀ, ରାଜନୀତିଜ୍ଞ, ସାରସ୍ୱତ ସଙ୍ଗଠକ ଓ ସମାଜର ଅବହେଳିତ ତଥା ଦଳିତ ଜନତାର ବନ୍ଧୁ ଭାବରେ ଡକ୍ଟର ଗାନ୍ଧୀ ସବୁ ମହଲରେ ସୁପରିଚିତ। ଏକାଡେମୀ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସେ ସର୍ବଦା ବ୍ୟଗ୍ର ଥିଲେ ।

## ଏକାଡେମୀର ପୁନଃମୁଦ୍ରିତ ପ୍ରକାଶୋନ୍ମୁଖୀ ଇଂରାଜୀ ପୁସ୍ତକ

**Folklore of Orissa**
*Dr. Kunjabihari Dash*
**Phakirmohan Senapati and His Times**
*Dr. J.V. Boulton*
**Lord Jagannath**
*Sri Surendra Mohanty*
**Story of Freedom Struggle in Orissa**
*Dr. Susil Kumar Dey*
**My Times and I**
*Sri Phakirmohan Senapati*
*Translated by Dr. J.V. Boulton*
**The People, Language and Culture of Orissa**
*Dr.Suniti Kumar Chatterji*
**Temples of Orissa**
*Dr. Karuna Sagar Behera*
**Temple Legends of Orissa**
*Dr. Ramesh Prasad Mohapatra*
**Festivals of Orissa**
*Dhirendranath Pattnaik*
**Art Traditions of Orissa**
*Com: Orissa Sahitya Akademi*

# ଲୋକଭାଷା ସାହିତ୍ୟକୁ କାଳଜୟୀ କରେ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗନ୍ନାଥ ପାଣି ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ ତା ୧୫.୪.୦୯ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ଲୋହିଆ ଏକାଡେମୀ ସଭାଗୃହରେ ଲୋକକବି ଜଗନ୍ନାଥ ପାଣିଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜୟନ୍ତୀ ସଭାର ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ଓ ଭଞ୍ଜ ସାହିତ୍ୟର ପ୍ରବକ୍ତା ପ୍ରଫେସର ରଜତ କୁମାର କର ଲୋକକବିଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ ଅର୍ପଣ କରି ଜଗନ୍ନାଥ ପାଣିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏକାଡେମୀର ସଚିବ ଡକ୍ଟର ହରପ୍ରସାଦ ପରିଛା ପଟନାୟକଙ୍କ ଅସୁସ୍ଥତା କାରଣରୁ ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଭାରତୀୟ ସଂସ୍କୃତିର ଅନ୍ୟତମ ବିଭବ ପୂଜ୍ୟପୂଜା ପରମ୍ପରା ପ୍ରତି ଏକାଡେମୀ ଅଙ୍ଗୀକାରବଦ୍ଧ ବୋଲି ପ୍ରକାଶ କରିବା ସଙ୍ଗେ ସଙ୍ଗେ ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ ସଂଭାଷଣ ଜ୍ଞାପନ କରିଥିଲେ । ସମ୍ମାନନୀୟ ଅତିଥି ଡକ୍ଟର ଉପେନ୍ଦ୍ର ପ୍ରସାଦ ନାୟକ ଜଗନ୍ନାଥ ପାଣିଙ୍କ ସାହିତ୍ୟ ଲୋକ ଭାଷାରେ ସୃଷ୍ଟି ହୋଇଥିବାରୁ ଆଜକୁ ଦେଢ଼ଶହ ବର୍ଷଧରି ଲୋକମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦର ଲାଭ କରି ଆସୁଛି ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଓଡ଼ିଆ ନାଟ୍ୟ ସାହିତ୍ୟର ଆଦ୍ୟ ପ୍ରଣେତା ଭାବରେ ଜଗନ୍ନାଥ ପାଣି ନାଟକରେ ଯେଉଁ ଉଚ୍ଚମୂଲ୍ୟବୋଧର ପ୍ରତିଷ୍ଠା କରିଯାଇଛନ୍ତି, ସେଥିପାଇଁ ଆଜି ଓଡ଼ିଆ ନାଟକର ଧାରା ଦିଗନ୍ତପ୍ରସାରୀ ହୋଇପାରିଛି ବୋଲି ଜୟନ୍ତୀ ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଡାକ୍ତର ଶୈଳେଶ୍ୱର ନନ୍ଦ ପ୍ରକାଶ କରିଥିଲେ । ମୁଖ୍ୟଅତିଥି ପ୍ରଫେସର କର ତାଙ୍କ ଅଭିଭାଷଣରେ ଜଗନ୍ନାଥ ପାଣିଙ୍କ ସାହିତ୍ୟକୁ ତର୍ଜମା କରି ବାସ୍ତବରେ ସେ ଲୋକକବି ଥିଲେ ଏବଂ ତାଙ୍କ ରଚିତ ଗୀତିନାଟ୍ୟ ଗୁଡ଼ିକ ଲୋକ ପରମ୍ପରାକୁ ଆଧାର କରି ଗାଉଁଲି ଭାଷାରେ ରଚିତ ହୋଇଥିବାରୁ ତାହା ଲୋକପ୍ରିୟତାରେ ଉତ୍କର୍ଷ ଲାଭ କରିଥିଲା ବୋଲି ପ୍ରକାଶ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଓ ଧୁରୀଣ ଗବେଷକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଏଥିରେ ପୌରୋହିତ୍ୟ କରି ଲୋକକବି ଜଗନ୍ନାଥ ପାଣିଙ୍କ ସୃଷ୍ଟିକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରି ଏହା ଉତ୍କୃଷ୍ଟ ଶ୍ରେଣୀର ସାହିତ୍ୟ ବୋଲି ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ । ଶେଷରେ ଏକାଡେମୀର ପ୍ରଯୋଜନା ଅଧିକାରୀ ଶ୍ରୀ ରବି ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକ୍ରମଦେବ ବର୍ମା ଓଡ଼ିଆ ଓ ତେଲୁଗୁ ସଂସ୍କୃତି ସମନ୍ୱୟର ପ୍ରତୀକ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜିଲ୍ଲା ସଂସ୍କୃତି ପରିଷଦ, କୋରାପୁଟ ଓ ଜୟପୁର ସାହିତ୍ୟ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ସାହିତ୍ୟ ସମ୍ରାଟ ମହାରାଜା ବିକ୍ରମଦେବ ବର୍ମାଙ୍କ ୧୪୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୮.୬.୦୯ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଜୟପୁରସ୍ଥ ହୋଟେଲ ମଧୁମତୀ ସଭାକକ୍ଷରେ ଏକ ସାରସ୍ୱତ ସଭା ଏକାଡେମୀର ସାଧାରଣ ପରିଷଦର ସଦସ୍ୟ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ମଞ୍ଚାସୀନ ବରେଣ୍ୟ ଅତିଥିଗଣ ବିକ୍ରମଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜୟନ୍ତୀ ସଭାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ବକ୍ତା ଶ୍ରୀଯୁକ୍ତ ଉଦୟ ଚନ୍ଦ୍ର ମିଶ୍ର ଏଥିରେ ଯୋଗଦାନ କରି ମହାରାଜା ବିକ୍ରମ ଦେବ ବର୍ମା ଓଡ଼ିଆ ସଂସ୍କୃତିର ଦିଗ୍‌ଦର୍ଶକ ଓ ବିଶିଷ୍ଟ ବିଦ୍ୱାନ୍ ଭାବେ ଓଡ଼ିଆ, ତେଲୁଗୁ ଓ ସଂସ୍କୃତ ଭାଷାରେ ଯେଉଁ ଉତ୍କୃଷ୍ଟ ରଚନାମାନ ସୃଷ୍ଟି କରିଥିଲେ ତାହା ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛି ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଡକ୍ଟର ଗଙ୍ଗାଧର ନନ୍ଦ ଜୟନ୍ତୀ ସଭାରେ ଯୋଗଦାନ କରି ବିକ୍ରମଦେବଙ୍କର ଅନନ୍ୟ କୃତିଗୁଡ଼ିକ ଉପରେ ଆଲୋଚନା କରିବା ସହ ତେଲୁଗୁ ଓ ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ସେ ସାଂସ୍କୃତିକ ସଂହତି ଓ ସମନ୍ୱୟ ପ୍ରତିଷ୍ଠା କରି ଓଡ଼ିଆ ଜାତି ପାଇଁ ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି ଶ୍ରୀ ନନ୍ଦ ତାଙ୍କ ଭାଷଣ ପ୍ରସଙ୍ଗରେ ବର୍ଣ୍ଣନା କରିଥିଲେ। ଜୟପୁର ସାହିତ୍ୟ ପରିଷଦର ସଭାପତି ଶ୍ରୀଯୁକ୍ତ ଶ୍ରୀନାଥ ମିଶ୍ର ବିକ୍ରମଦେବ ବର୍ମାଙ୍କର ସମଗ୍ର ଓଡ଼ିଶା ଓ ଆନ୍ଧ୍ରର ଶିକ୍ଷା, ସ୍ୱାସ୍ଥ୍ୟ, ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି ତଥା ବିକାଶକଳ୍ପେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ଭାଷଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ଡକ୍ଟର ବେଣୀମାଧବ ତ୍ରିପାଠୀଙ୍କୁ ତାଙ୍କର ସାରସ୍ୱତ ସାଧନା ନିମନ୍ତେ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରିଶେଷରେ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ମିଶ୍ର ସଭାପତିତ୍ୱ ବକ୍ତବ୍ୟରେ କବିଙ୍କର ସାରସ୍ୱତ ପ୍ରତିବଦ୍ଧତା ଓଡ଼ିଆ କବି ଓ ସାହିତ୍ୟିକମାନଙ୍କୁ ସେତେବେଳେ ଗଭୀର ଭାବରେ ଉଦ୍‌ବୁଦ୍ଧ କରିଥିଲା ବୋଲି ପ୍ରକାଶ କରିଥିଲେ ।

**ସ୍ୱାଧୀନତା ପରବର୍ତ୍ତୀକାଳର ଓଡ଼ିଆ ପତ୍ର ପତ୍ରିକା ଜଗତର ଦିଗବାରେଣୀ 'କୋଣାର୍କ'ର ସଦ୍ୟତମ ପ୍ରକାଶନ**

ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ

ନିର୍ବାଚିତ ନିବନ୍ଧ ୧୪୭-୧୪୮ ସଂଖ୍ୟା ଟ.୧୦୦/-
ନିର୍ବାଚିତ ନିବନ୍ଧ ୧୪୯-୧୫୦ ସଂଖ୍ୟା ଟ.୧୦୦/-

ସମ୍ପାଦନା :

ଡକ୍ଟର ହୁସେନ୍ ରବିଗାନ୍ଧୀ
ପଣ୍ଡିତ ଦୁଃଖିଶ୍ୟାମ ପଟ୍ଟନାୟକ

# ସୁରେନ୍ଦ୍ରଙ୍କ ମନନଶୀଳ ସୃଷ୍ଟିରେ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସୁରେନ୍ଦ୍ର ମେମୋରିଆଲ କ୍ଲବଙ୍କ ମିଳିତ ସହଯୋଗରେ ତା ୨୧.୬.୦୯ରିଖ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ଲବ୍ଧପ୍ରତିଷ୍ଠ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ତାଙ୍କ ଜନ୍ମସ୍ଥାନ କଟକ ଜିଲ୍ଲାର ପୁରୁଷୋତ୍ତମ ପୁରଠାରେ ଏକାଡେମୀର ଉପସଭାପତି ଗାଳ୍ପିକ ଶ୍ରୀ ଚନ୍ଦ୍ରଶେଖର ଦାସବର୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ମଞ୍ଚାସୀନ ବରେଣ୍ୟ ଅତିଥିଗଣଙ୍କ ଗହଣରେ ମୁଖ୍ୟଅତିଥି ଡକ୍ଟର ପ୍ରଫୁଲ୍ଲ କୁମାର ରଥ ସୁରେନ୍ଦ୍ରଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ସ୍ମୃତିସଭା ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ସୁଧୀମଣ୍ଡଳୀ ଓ ନିମନ୍ତ୍ରିତ ଅତିଥିମାନେ ସୁରେନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ସେମାନଙ୍କର ପ୍ରିୟ ଲେଖକଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଡକ୍ଟର ରଥ ତାଙ୍କ ଭାଷଣ ପ୍ରସଙ୍ଗରେ ସୁରେନ୍ଦ୍ର ରାଜନୀତି, ସାମ୍ବାଦିକତା ଓ ସାହିତ୍ୟକ୍ଷେତ୍ରରେ ନିଜର ଯୁକ୍ତିନିଷ୍ଠତା, ନିର୍ଭୀକତା, ସ୍ପଷ୍ଟବାଦିତା ଓ ସ୍ୱାଭିମାନର ଯେଉଁ ପରମ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ତାଙ୍କୁ ଅମର କରିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ପ୍ରଫେସର ବିଚିତ୍ରାନନ୍ଦ ତ୍ରିପାଠୀ ଜୟନ୍ତୀ ସଭାରେ ଯୋଗଦାନ କରି କଥାଶିଳ୍ପୀ ସୁରେନ୍ଦ୍ରଙ୍କ ଜୀବନ ପରିଧିର ବ୍ୟାପକତା ଓ ତାଙ୍କ ଆଦର୍ଶର ସୁଦୂରପ୍ରସାରୀ ଦିଗ ପ୍ରତି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଅଧ୍ୟାପକ ଡକ୍ଟର ନାରାୟଣ ପଣ୍ଡା ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ସୁରେନ୍ଦ୍ରଙ୍କ ସୃଷ୍ଟିର ବଳିଷ୍ଠ ସ୍ୱାକ୍ଷର ଓ ଅସାମାନ୍ୟ କୃତିତ୍ୱର ଝଲକ ସ୍ପଷ୍ଟ ପ୍ରତୀୟମାନ ହେତୁ ତାଙ୍କୁ ଯୁଗ ଯୁଗ ଧରି ଜଣେ ପ୍ରବାଦପୁରୁଷ ଭାବରେ ଓଡ଼ିଆ ସାରସ୍ୱତ ଜଗତ ସ୍ୱୀକାର କରିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ବୋଲି ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ ଅନ୍ୟତମ ସମ୍ମାନନୀୟ ଅତିଥି ଭାବରେ ଏହି ସ୍ମୃତିସଭାରେ ଯୋଗଦାନ କରି ସୁରେନ୍ଦ୍ରଙ୍କ ଅମର ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ସୁରେନ୍ଦ୍ର ମହାନ୍ତି ହେଉଛନ୍ତି ଓଡ଼ିଆ ଭାଷାର ଏଭଳି ଜଣେ ସାର୍ଥକ ଲେଖକ ଯିଏ କି ତାଙ୍କର ପ୍ରତ୍ୟେକ ସୃଷ୍ଟିରେ ଓଡ଼ିଆ ଜାତିର ମହାନ୍ ସଂସ୍କୃତି, ଐତିହ୍ୟକୁ ସଫଳଭାବେ ରୂପାୟିତ କରି ଏକ ଚିରନ୍ତନ ଶାଶ୍ୱତ ମୂଲ୍ୟବୋଧ ପ୍ରତିଷ୍ଠା କରି ଯଶସ୍ୱୀ ଲେଖକ ଭାବରେ ଓଡ଼ିଆ ସାହିତ୍ୟାକାଶରେ ପ୍ରତିଭାତ ହୋଇ ପାରିଛନ୍ତି। ଏକାଡେମୀର ଉପସଭାପତି ଶ୍ରୀ ଚନ୍ଦ୍ରଶେଖର ଦାସବର୍ମା ଏଥିରେ ପୌରୋହିତ୍ୟ କରି ତାଙ୍କ ଅଭିଭାଷଣରେ ସୁରେନ୍ଦ୍ରଙ୍କ ପରି ଅଭିଜ୍ଞ ରାଜନୀତିଜ୍ଞଙ୍କର ନୂତନ ଆଭିମୁଖ୍ୟ,ନବୀନ ଚିନ୍ତାଧାରା ଓ ଅଭିନବ ଶୈଳୀରେ ସୃଷ୍ଟ ସାରସ୍ୱତ କୃତି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବା ସଙ୍ଗେ ସଙ୍ଗେ ମହିମାମଣ୍ଡିତ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଉପସ୍ଥିତ ସଜ୍ଜନ ମଣ୍ଡଳୀଙ୍କ ମଧ୍ୟରୁ ଅନେକ ଏଇ ବିସ୍ମୟ ପ୍ରତିଭାଙ୍କୁ ତାଙ୍କର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଓଡ଼ିଶାର ବୌଦ୍ଧିକ ବିକାଶ କୃପାସିନ୍ଧୁଙ୍କ ଜୀବନର ମୂଳ ଲକ୍ଷ୍ୟ ଥିଲା

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୃପାସିନ୍ଧୁ ସ୍ମୃତି ସମିତିଙ୍କ ମିଳିତ ଆନୁକୂଲ୍ୟରେ ମହାନ୍ ଜନସେବକ, ଗବେଷକ ତଥା ଆଦର୍ଶ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜୟନ୍ତୀ ଉତ୍ସବ ପୁରୀଜିଲ୍ଲାସ୍ଥ ବୀରପ୍ରତାପପୁର ଶାସନଠାରେ ତା ୨୭.୬.୦୯ ରିଖରେ ମହାସମାରୋହରେ ପାଳନ କରାଯାଇଥିଲା। ଏହି ଜୟନ୍ତୀ ଉତ୍ସବ ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ଶିକ୍ଷାବିତ୍ ତଥା ଗବେଷକ ଶ୍ରୀଯୁକ୍ତ ଅଦ୍ୱୈତ ଚରଣ ଧଳ ସମ୍ମାନନୀୟ ଅତିଥି ଓ ପ୍ରଶାସକ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ମିଶ୍ର ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ଏକାଡେମୀ ସାଧାରଣ ପରିଷଦର ସଦସ୍ୟ କବି ଓ ନାଟ୍ୟକାର ଡକ୍ଟର ହରିହର ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ । ସଭା ଆରମ୍ଭରେ କୃପାସିନ୍ଧୁ ସ୍ମୃତି ସମିତିର ସଦସ୍ୟ କୈଳାସ ଚନ୍ଦ୍ର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ପ୍ରସନ୍ନ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନନୀୟ ଅତିଥି ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ମିଶ୍ର ତାଙ୍କର ଭାଷଣ ପ୍ରସଙ୍ଗରେ କହିଲେ ଯେ, ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାର ରାଜନୈତିକ ତଥା ଆର୍ଥିକ ପରିସ୍ଥିତି ବଡ଼ ଦୟନୀୟ ଅବସ୍ଥାରେ ଥିଲା । ଓଡ଼ିଶା ପ୍ରଦେଶ ଖଣ୍ଡ ଖଣ୍ଡ ଭାବରେ ଅନ୍ୟ ପ୍ରଦେଶ ସହିତ ମିଶି କରି ରହିଥିଲା। ଯଦ୍ୱାରା ଶିକ୍ଷାର ମାନ ନିମ୍ନଗାମୀ ଅବସ୍ଥାରେ ଥିଲା। ଏହି ସମୟରେ ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପଣ୍ଡିତ କୃପାସିନ୍ଧୁ ମିଶ୍ର ନିଜର ଆତ୍ମସ୍ୱାର୍ଥକୁ ପରିତ୍ୟାଗକରି ଶିକ୍ଷାର ମାନ ଉନ୍ନତି ନିମନ୍ତେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକଭାବେ ଯୋଗଦାନ କରିଥିଲେ। ଉତ୍କଳ ଇତିହାସ ତାଙ୍କର ଲେଖକୀୟ କୃତି ଭାବେ ପରିଚିତ । ଏହା ମାଧ୍ୟମରେ ସେ ଉତ୍କଳର ଐତିହ୍ୟଗୁଡ଼ିକୁ ଲୋକଲୋଚନକୁ ଆଣି ପାରିଥିଲେ । ଡକ୍ଟର ହରିହର ମିଶ୍ର ତାଙ୍କର ସଭାପତି ଅଭିଭାଷଣରେ କହିଲେ ଯେ, ସତ୍ୟବାଦୀ ବନବିଦ୍ୟାଳୟ ସେ ସମୟରେ ଏକ ମଣିଷ ତିଆରି କାରଖାନା ଭାବେ ପରିଚିତଥିଲା। ଗୋପବନ୍ଧୁଙ୍କ ପ୍ରଚେଷ୍ଟାରେ ଗଢ଼ି ଉଠିଥିବା ଏହି ବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି କରିବା ସଙ୍ଗେ ସଙ୍ଗେ ଶିକ୍ଷାର ମାନ ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିଲା। ପଣ୍ଡିତ କୃପାସିନ୍ଧୁ ଏହି ବିଦ୍ୟାଳୟର ଜଣେ ଆଦର୍ଶ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଶେଷରେ କୃପାସିନ୍ଧୁ ସ୍ମୃତି ସମିତି ପକ୍ଷରୁ ମଧୁସୂଦନ ନନ୍ଦଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ ହୋଇଥିଲା ।




## ପୁସ୍ତକ ପ୍ରଦର୍ଶନୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ପୁସ୍ତକାବଳୀର ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରଦର୍ଶନୀ ଓ ବିକ୍ରୟ ଲାଗି ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳରେ ଆୟୋଜିତ ହୋଇଯାଇଥିବା ବହିମେଳାରେ ଏକାଡେମୀ ଅଂଶ ଗ୍ରହଣ କରି ଷ୍ଟଲମାନ ଖୋଲିଥିଲା। ଉକ୍ତ ଷ୍ଟଲ୍‌ରେ ଅନେକ ଓଡ଼ିଆ ସାହିତ୍ୟ ପ୍ରେମୀ ପାଠକ, ଅଧ୍ୟାପକ, ଛାତ୍ର, ଗବେଷକ, କବି ଓ ଲେଖକ ଏକାଡେମୀ ପକ୍ଷରୁ ଅନନ୍ୟ ପ୍ରକାଶନଗୁଡ଼ିକ ଦେଖିବା ସଙ୍ଗେ ସଙ୍ଗେ କ୍ରୟ ମଧ୍ୟ କରିଥିଲେ। ପ୍ରତ୍ୟେକ ସ୍ଥାନରେ ଏକାଡେମୀ ପକ୍ଷରୁ ଖୋଲାଯାଇଥିବା ଷ୍ଟଲ୍‌ରେ ଅନୁସନ୍ଧିତ୍ସୁ ପାଠକମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଏକାଡେମୀ ପକ୍ଷରୁ ପୁସ୍ତକ କ୍ରେତାମାନଙ୍କୁ ଟ. ୨୦୦୦/– ରୁ ଅଧିକ ପୁସ୍ତକ କ୍ରୟ ଉପରେ ୪୦% ରିହାତି ପ୍ରଦାନ କରାଯାଇଥିବାବେଳେ ଟ. ୫୦୦/–ରୁ ଅଧିକ ମୂଲ୍ୟର କ୍ରେତାଙ୍କ ପାଇଁ ୩୦% ଓ ସାଧାରଣ କ୍ରେତାମାନଙ୍କୁ ୨୦% ରିହାତିରେ ପୁସ୍ତକ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଥିଲା। ଏକାଡେମୀ ସାଧାରଣ ପରିଷଦର ସଦସ୍ୟମାନଙ୍କୁ ୪୦% ରିହାତିରେ ଏକାଡେମୀ ପୁସ୍ତକ ଯୋଗାଇ ଦିଆଯାଉଛି । ନିକଟ ଅତୀତରେ ଅପ୍ରେଲ ୭ ରୁ ୧୩ ତାରିଖ ପର୍ଯ୍ୟନ୍ତ ଜଟଣୀ ପୁସ୍ତକ ମେଳାରେ ଏକାଡେମୀର ବହି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।



## କବି ପ୍ରସନ୍ନ ମିଶ୍ରଙ୍କୁ ଶାରଳା ପୁରସ୍କାର

ଓଡ଼ିଆ ସାହିତ୍ୟର ବର୍ଷୀୟାନ କବି ଡକ୍ଟର ପ୍ରସନ୍ନ କୁମାର ମିଶ୍ର ତାଙ୍କର ଅନବଦ୍ୟ କବିତା ସଂକଳନ 'ଖରାରେ ବାଙ୍ଗରା ଲୋକ' ନିମନ୍ତେ ଚଳିତ ବର୍ଷର ଏକତିରିଶତମ ସମ୍ମାନଜନକ ଶାରଳା ପୁରସ୍କାର ଲାଭ କରିଛନ୍ତି । ଇଣ୍ଡିଆନ ମେଟାଲସ୍ ପବ୍ଲିକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ବର୍ଷ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ କୃତି ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଶାରଳା ପୁରସ୍କାର ବାବଦ ପୁରସ୍କୃତ ସାହିତ୍ୟିକଙ୍କୁ ଅଢ଼େଇ ଲକ୍ଷ ଟଙ୍କା, ଉପାୟନ ଓ ତାମ୍ରଫଳକ ମାନପତ୍ର ପ୍ରତ୍ୟେକ ବର୍ଷ ନିର୍ଦ୍ଦିଷ୍ଟ ପହିଲି ରଜ ତିଥିରେ ପ୍ରଦାନ କରାଯାଇ ଆସୁଅଛି। ବିଶ୍ୱଭାରତୀ ରବୀନ୍ଦ୍ର ଭବନର ଅଧକ୍ଷ ପ୍ରଫେସର ସ୍ୱପନ ମଜୁମଦାର କବି ପ୍ରସନ୍ନଙ୍କୁ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ଜୁନ୍ ୧୪ ତାରିଖ ସନ୍ଧ୍ୟାରେ ଆୟୋଜିତ ଏକ ମନୋଜ୍ଞ ସାରସ୍ୱତ ସମାବେଶରେ ଚଳିତ ୨୦୦୯ ବର୍ଷର ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଗ୍ରହଣ କାଳୀନ ବକ୍ତବ୍ୟରେ କବି ଡକ୍ଟର ମିଶ୍ର ଓଡ଼ିଆ ସାହିତ୍ୟର ପୂର୍ବସୂରୀମାନେ ଓଡ଼ିଶାର ସାମାଜିକ, ଦାର୍ଶନିକ ଓ ନାନ୍ଦନିକ ଐତିହ୍ୟକୁ ସେମାନଙ୍କ ସୃଷ୍ଟିରେ ବହୁଳ ଭାବରେ ସ୍ଥାନିତ କରିଥିଲେ ଏହି ଜାତି ସାରା ବିଶ୍ୱରେ ଆଜି ଅଗ୍ରଗଣ୍ୟ ହୋଇ ପାରିଥାନ୍ତା ବୋଲି ପ୍ରକାଶ କରିଥିଲେ । ଡକ୍ଟର ମିଶ୍ର ୧୯୮୮ ମସିହାରେ ନାଟକ-ଏକାଙ୍କିକା ବିଭାଗରେ ତାଙ୍କର ନାଟକ ସଂକଳନ 'ଜନସେବକ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ଏତଦ୍‌ବ୍ୟତୀତ ସେ ଅନେକ ସାରସ୍ୱତ ସଙ୍ଗଠନ ପକ୍ଷରୁ ବହୁ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି। ଡକ୍ଟର ମିଶ୍ରଙ୍କ ଏହି ବିରଳ କୃତି ପାଇଁ ଏକାଡେମୀ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଅଛି ।

## ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠାର ପଚାଶବର୍ଷ ପୂର୍ତ୍ତୀ ଆମ ରାଜ୍ୟର ବିଭିନ୍ନ ସ୍ଥାନମାନଙ୍କରେ ପାଳନ କରାଯିବା ପାଇଁ ଏକାଡେମୀ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ତେଣୁ ଉକ୍ତ ସମାରୋହର ଉଦ୍‌ଘାଟନ ପର୍ବ ଭୁବନେଶ୍ୱରଠାରେ ପାଳିତ ହେବା ସଙ୍ଗେ ସଙ୍ଗେ ଜିଲ୍ଲାସ୍ତରୀୟ ଉତ୍ସବ ବିଭିନ୍ନ ସଦର ମହକୁମାରେ ଏବଂ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ନିମ୍ନମତେ ପାଳିତ ହୋଇଯାଇଅଛି । ଏହି ସମାରୋହରେ ଉଦ୍‌ଯାପନ ପର୍ବ ଖୁବ୍ ନିକଟରେ ଭୁବନେଶ୍ୱରଠାରେ ପାଳନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି ।

| | | |
|---|---|---|
| ଉଦ୍‌ଘାଟନ | ୨୫.୦୯.୨୦୦୭ | ଭୁବନେଶ୍ୱର |
| ଜିଲ୍ଲାସ୍ତରୀୟ ଉତ୍ସବ | ୨୮.୧୦.୨୦୦୭ | ଭବାନୀପାଟଣା,କଳାହାଣ୍ଡି |
| ଜିଲ୍ଲାସ୍ତରୀୟ ଉତ୍ସବ | ୦୪.୧୧.୨୦୦୭ | ସମ୍ବଲପୁର |
| ଜିଲ୍ଲାସ୍ତରୀୟ ଉତ୍ସବ | ୧୧.୧୧.୨୦୦୭ | ବ୍ରହ୍ମପୁର, ଗଞ୍ଜାମ |
| ଜିଲ୍ଲାସ୍ତରୀୟ ଉତ୍ସବ | ୧୮.୧୧.୨୦୦୭ | ଫୁଲବାଣୀ |
| ଜିଲ୍ଲାସ୍ତରୀୟ ଉତ୍ସବ | ୨୫.୧୧.୨୦୦୭ | ରାଉରକେଲା, ସୁନ୍ଦରଗଡ଼ |
| ଜିଲ୍ଲାସ୍ତରୀୟ ଉତ୍ସବ | ୩୦.୧୧.୨୦୦୭ | ସୁବର୍ଣ୍ଣପୁର |
| ଜିଲ୍ଲାସ୍ତରୀୟ ଉତ୍ସବ | ୦୨.୧୨.୨୦୦୭ | ଜାରକା, ଯାଜପୁର |
| ଜିଲ୍ଲାସ୍ତରୀୟ ଉତ୍ସବ | ୧୬.୧୨.୨୦୦୭ | ଦିଗପହଣ୍ଡି, ବ୍ରହ୍ମପୁର |
| ଜିଲ୍ଲାସ୍ତରୀୟ ଉତ୍ସବ | ୨୫.୧୨.୨୦୦୭ | ବାରିପଦା,ମୟୂରଭଞ୍ଜ |
| ଜିଲ୍ଲାସ୍ତରୀୟ ଉତ୍ସବ | ୦୬.୦୧.୨୦୦୮ | ପାରାଦ୍ୱୀପ,ଜଗତସିଂହପୁର |
| ଜିଲ୍ଲାସ୍ତରୀୟ ଉତ୍ସବ | ୧୩.୦୧.୨୦୦୮ | ଢେଙ୍କାନାଳ |
| ଜିଲ୍ଲାସ୍ତରୀୟ ଉତ୍ସବ | ୨୭.୦୧.୨୦୦୮ | ଛେଣ୍ଡିପଦା, ଅନୁଗୋଳ |
| ଜିଲ୍ଲାସ୍ତରୀୟ ଉତ୍ସବ | ୧୨.୦୨.୨୦୦୮ | ରାୟଗଡ଼ା |
| ଜିଲ୍ଲାସ୍ତରୀୟ ଉତ୍ସବ | ୦୨.୦୩.୨୦୦୮ | ବାଲେଶ୍ୱର |
| ଜିଲ୍ଲାସ୍ତରୀୟ ଉତ୍ସବ | ୦୮.୦୫.୨୦୦୮ | କେନ୍ଦୁଝର |
| ଗୀତି କବିତା ସଂପାନ | ୧୧.୦୫.୨୦୦୮ | ଭୁବନେଶ୍ୱର |
| ଜିଲ୍ଲାସ୍ତରୀୟ ଉତ୍ସବ | ୦୮.୦୬.୨୦୦୮ | କୋରାପୁଟ |
| ଜିଲ୍ଲାସ୍ତରୀୟ ଉତ୍ସବ | ୦୮.୦୬.୨୦୦୮ | ଦେବଗଡ଼ |
| ଜିଲ୍ଲାସ୍ତରୀୟ ଉତ୍ସବ | ୨୨.୦୬.୨୦୦୮ | ପାରଳାଖେମୁଣ୍ଡି,ଗଜପତି |
| ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ | ୦୬.୦୭.୨୦୦୮ | ଟିକାଲୀ, ଆନ୍ଧ୍ରପ୍ରଦେଶ |
| ଗଳ୍ପ କର୍ମଶାଳା | ୧୯-୨୦/୦୭.୦୮ | ପାରାଦ୍ୱୀପ,ଜଗତସିଂହପୁର |
| ଜିଲ୍ଲାସ୍ତରୀୟ ଉତ୍ସବ | ୨୪.୦୮.୨୦୦୮ | ଭଦ୍ରକ |
| ଲେଖିକା ସମ୍ମିଳନୀ | ୩୦-୩୧.୦୮.୦୮ | ଭୁବନେଶ୍ୱର |
| ଭଗବତୀ ଶତବାର୍ଷିକୀ | ୨୩.୧୦.୨୦୦୮ | କଟକ |
| ଆଲୋଚନାଚକ୍ର | ୨୧-୨୩.୧୦.୦୮ | କୋଲକତା,ପଶ୍ଚିମବଙ୍ଗ |
| ଆଲୋଚନାଚକ୍ର | ୮-୯.୧୧.୨୦୦୮ | ଭୁବନେଶ୍ୱର |
| ଜିଲ୍ଲାସ୍ତରୀୟ ଉତ୍ସବ | ୨୪.୧୨.୨୦୦୮ | କେନ୍ଦ୍ରାପଡ଼ା |
| ଜିଲ୍ଲାସ୍ତରୀୟ ଉତ୍ସବ | ୦୪.୦୧.୨୦୦୯ | ଝାରସୁଗୁଡ଼ା |
| ଜିଲ୍ଲାସ୍ତରୀୟ ଉତ୍ସବ | ୧୮-୧୯.୦୧.୦୯ | ପୁରୀ |
| ଜିଲ୍ଲାସ୍ତରୀୟ ଉତ୍ସବ | ୨୩-୨୪.୦୧.୦୯ | କଟକ |

## ମତାମତ

ପ୍ରତି ତିନିମାସକୁ ଥରେ ପ୍ରକାଶ ପାଉଛି ଓଡ଼ିଶା ସାହିତ୍ୟ ଏକାଡେମୀର ସମାଚାର ପତ୍ରିକା 'ଓଡ଼ିଶା ସାହିତ୍ୟ ଏକାଡେମୀ ସମାଚାର'। ସାହିତ୍ୟ ଏକାଡେମୀର ପ୍ରଯୋଜନା ଅଧିକାରୀ ରବି ରାୟଙ୍କ ସମ୍ପାଦନାରେ ପ୍ରକାଶିତ ଜାନୁଆରୀ-ମାର୍ଚ୍ଚ ୧୬ତମ ସଂଖ୍ୟା ଆମର ହସ୍ତଗତ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ସାହିତ୍ୟ ସଭା ଓ ଆଲୋଚନାଚକ୍ରର ବିବରଣୀ ବିଶେଷ କରି ଏକାଡେମୀ ତରଫରୁ ବିଭିନ୍ନ ସ୍ଥାନରେ କରାଯାଉଥିବା ଆଲୋଚନାଚକ୍ର ସମ୍ପର୍କିତ ଖବର ସଚିତ୍ର ପ୍ରକାଶ ପାଉଛି ଏଥିରେ । ଆଲୋଚନା ସଂଖ୍ୟାରେ ପ୍ରଚ୍ଛଦ ସମାଚାର ଭାବେ ସ୍ଥାନ ପାଇଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଅନୁଷ୍ଠିତ କବି ଓ କବିତା ଶୀର୍ଷକ ସାରସ୍ୱତ ଆସରର ବିବରଣୀ। ଏତଦ୍‌ବ୍ୟତୀତ ଝାରସୁଗୁଡ଼ା, କଟକ, ପୁରୀ ଆଦି ସ୍ଥାନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପାଳିତ ସୁବର୍ଣ୍ଣ ଜୟନ୍ତୀ ସମାରୋହର ବିବରଣୀ । ପତ୍ରିକାଟିକୁ ମାସିକ କରାଗଲେ ଓ ଏଥିରେ ସାହିତ୍ୟ ସମ୍ପର୍କିତ ପ୍ରବନ୍ଧ ସ୍ଥାନିତ ହେଲେ ଅଧିକ ଉପଯୋଗୀ ହୋଇପାରନ୍ତା ।

ଦୈନିକ ସମ୍ବାଦପତ୍ର,ଧରିତ୍ରୀ

*ଭୁବନେଶ୍ୱର*

ଏକାଡେମୀ ପ୍ରକାଶିତ 'ସମାଚାର' ପାଠକରି ପ୍ରୀତ ହେଲି। ଆଠ ପୃଷ୍ଠାର କ୍ଷୁଦ୍ର ଏକ ପତ୍ରିକା, ସୁଦୃଶ ଓ ସୁନ୍ଦର ମୁଦ୍ରଣ, ଛତ୍ରେ ଛତ୍ରେ ଭରି ରହିଛି ଅନେକ ତଥ୍ୟ ଓ ସନ୍ଦେଶ । କ୍ଷୁଦ୍ର ଓ ଜଟିଳ କଳାର ବିଦଗ୍ଧ ସାଧକ ଶ୍ରଦ୍ଧେୟ ହରପ୍ରସାଦଙ୍କ ସଯତ୍ନ ବର୍ଦ୍ଧିତ ବର୍ତ୍ତମାନର ଏ ସାରସ୍ୱତ ଅର୍ଘ୍ୟ କିପରି ବା ମନରୋଚକ ନ ହେବ ? 'ସମାଚାର'ରେ ପୂର୍ବସୂରୀଙ୍କୁ ଭକ୍ତି ନୈବେଦ୍ୟ ବାଢ଼ିଲା ବେଳେ ଭାବ ପ୍ରବଣତା ରହିବା ସ୍ୱାଭାବିକ ଏହା ବାଞ୍ଛନୀୟ ମଧ । କିନ୍ତୁ ତା' ସହିତ ପୌରୁଷର ଉଷ୍ମତା ରହିବା ଜରୁରୀ ।

ଡକ୍ଟର ବାବାଜୀ ଚରଣ ସେଠୀ

*ସାମନ୍ତରାପୁର, ଭୁବନେଶ୍ୱର*

ଏକାଡେମୀ ସମାଚାର ଜାନୁଆରୀ-ମାର୍ଚ୍ଚ୨୦୦୯ ୧୬ତମ ସଂଖ୍ୟା ପାଇଲି ଓ ପଢ଼ିଲି । ଏହା ଖୁବ୍ ଭଲ ଲାଗିଲା । କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ପୃଷ୍ଠା ତିନି ର ଫଟୋଟିଏ ପ୍ରକାଶ ପାଇଥିଲେ ଆହୁରି ଭଲ ହୋଇଥାନ୍ତା । ଶ୍ରଦ୍ଧା ଓ ଧନ୍ୟବାଦ ସହ।

ଡକ୍ଟର ପ୍ରତିଭା ଶତପଥୀ

*ଚନ୍ଦ୍ରମା ହାଉସିଂ କମ୍ପ୍ଲେକ୍ସ, ଭୁବନେଶ୍ୱର*



## ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜନ କରାଯାଇଥାଏ । ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ । ତା ୩୦.୦୪.୨୦୦୯ରିଖ ସନ୍ଧ୍ୟାରେ ଆୟୋଜିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ, ୩୧.୦୫.୦୯ ଶ୍ରୀଯୁକ୍ତ ହୃଦାନନ୍ଦ ରାୟ, ୩୦.୦୬.୦୯ ପ୍ରଫେସର ମହାମହୋପାଧ୍ୟାୟ ଗଙ୍ଗାଧର ଷଡ଼ଙ୍ଗୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ । ପ୍ରତ୍ୟେକ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ, ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥାଏ । ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତି ପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ତତ୍ତ୍ୱରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ସ୍ୱାଦକୁ ମନଭରି ଆସ୍ୱାଦନ କରିଥାନ୍ତି ।

# ସୁବର୍ଣ୍ଣ ଜୟନ୍ତୀ : ସୁବର୍ଣ୍ଣ ପୁସ୍ତକ

| | | | |
|---|---|---|---|
| ୧. | ବିଦଗ୍ଧମାଧବ | ସଂ: ସର୍ବେଶ୍ୱର ଦାଶ ଓ ଅନ୍ୟମାନେ | ଟ.୧,୦୦୦/- |
| ୨. | ଓଡ଼ିଆ ଲୋକ ସଂସ୍କୃତି ଶବ୍ଦକୋଷ | ଡକ୍ଟର ଅଜୟ କୁମାର ମିଶ୍ର | ଟ. ୧୭୦/- |
| ୩. | ପରମାନନ୍ଦ ଆଚାର୍ଯ୍ୟଙ୍କ ପ୍ରବନ୍ଧ | ଡକ୍ଟର ଗଣେଶ ପ୍ରସାଦ ସାହୁ | ଟ. ୧୨୫/- |
| ୪. | ମହାନଦୀ | ଡକ୍ଟର ହେମନ୍ତ କୁମାର ଦାଶ | ଟ. ୧୭୦/- |
| ୫. | ବିନ୍ଦୁ ଚାନ୍ଦାନ | ଅ: ଡକ୍ଟର ସୀତାକାନ୍ତ ମହାପାତ୍ର | ଟ. ୮୦/- |
| ୬. | ନିର୍ବାଚିତ କାହାଣୀ : ଲିଓ ଟଲଷ୍ଟୟ | ଅ: ଡକ୍ଟର ବିରଞ୍ଚି ନାରାୟଣ ସାମଲ | ଟ. ୮୦/- |
| ୭. | ଓଡ଼ିଶାର ମହୀୟସୀ ମହିଳା | ଡକ୍ଟର କୃଷ୍ଣଚନ୍ଦ୍ର ଭୂୟାଁ | ଟ. ୧୫୦/- |
| ୮. | ଓଡ଼ିଶାର ପାଲା | ଡକ୍ଟର ନିରଞ୍ଜନ ପଣ୍ଡା ଓ ଧୀରେନ୍ ଦାଶ | ଟ. ୭୦/- |
| ୯. | ଲଳିତା ପାଲା | ସଂ : ଡକ୍ଟର କଇଳାଶ ପଟ୍ଟନାୟକ | ଟ. ୬୦/- |
| ୧୦. | ଫକୀରମୋହନକୀ କାହାନୀଆ | ହିନ୍ଦୀ ଅନୁବାଦ : ଡକ୍ଟର ଭଗବାନ ତ୍ରିପାଠୀ | ଟ. ୨୦୦/- |
| ୧୧. | ଓଡ଼ିଆ ସାହିତ୍ୟ : ବିବିଧ ପ୍ରସଙ୍ଗ (ହିନ୍ଦୀ) | ଡକ୍ଟର ଅଜୟ କୁମାର ପଟ୍ଟନାୟକ | ଟ. ୧୨୦/- |
| ୧୨. | ଓଡ଼ିଶାକୀ ସାଂସ୍କୃତିକ ବୈଭବ (ହିନ୍ଦୀ) | ଡକ୍ଟର କାଳୀଚରଣ ଚୌଧୁରୀ | ଟ. ୧୨୦/- |
| ୧୩. | ଭଗବତୀ ପାଣିଗ୍ରାହୀକୀ ଶ୍ରେଷ୍ଠ କାହାନୀଆ | ହିନ୍ଦୀ ଅନୁବାଦ : ଡକ୍ଟର ଶ୍ରୀବତ୍ସ ପ୍ରସାଦ କର ଶର୍ମା | ଟ. ୧୦୦/- |
| ୧୪. | ମିରର ଇମେଜ | ଶ୍ରୀ ସରୋଜ ବଳ | ଟ. ୫୦/- |
| ୧୫. | ଭିଜା ଭିଜା ମନସ୍କତା | ଶ୍ରୀ ସୁଦାମ ବନ୍ଧୁ ଭଞ୍ଜମିଶ୍ର | ଟ. ୫୦/- |
| ୧୬. | ବଳରାମ ଦାସ ଓ ଓଡ଼ିଆ ରାମାୟଣ | ଡକ୍ଟର ନରେନ୍ଦ୍ର ନାଥ ମିଶ୍ର | ଟ. ୭୦/- |
| ୧୭. | ଆଧୁନିକ ଓଡ଼ିଆ ପ୍ରବନ୍ଧ | ସଂ : ପଠାଣି ପଟ୍ଟନାୟକ ଓ ବିଜୟାନନ୍ଦ ସିଂହ | ଟ. ୨୦୦/- |
| ୧୮. | ଅଧ୍ୟାପକ ଶ୍ରୀଧର ଦାସ | ଡକ୍ଟର ରବିନାରାୟଣ ମହାରଣା | ଟ. ୮୦/- |
| ୧୯. | ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ | ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ | ଟ. ୮୦/- |
| ୨୦. | ନାଟ୍ୟକାର ବାଳକୃଷ୍ଣ ମହାନ୍ତି | ଡକ୍ଟର ସୁରେନ୍ଦ୍ର କୁମାର ମହାରଣା | ଟ. ୭୦/- |
| ୨୧. | ପଣ୍ଡିତ ହରିହର ଦାସ | ଡକ୍ଟର ରବିନାରାୟଣ ଦାଶ | ଟ. ୮୫/- |
| ୨୨. | ଜଳନ୍ଧର ଦେବ ରଚନାବଳୀ (୨ୟଭାଗ) | ସଂ: ଡକ୍ଟର ରାମଚନ୍ଦ୍ର ବ୍ରହ୍ମା | ଟ. ୯୦/- |
| ୨୩. | ସାରସ୍ୱତସାଧିକା ସୀତାଦେବୀ ଖାଡ଼ଙ୍ଗା | ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ | ଟ. ୭୫/- |
| ୨୪. | ପ୍ରଫେସର ପ୍ରହ୍ଲାଦ ପ୍ରଧାନ | ଡକ୍ଟର ଶଙ୍କର ଲାଲ୍ ପୁରୋହିତ | ଟ. ୭୫/- |
| ୨୫. | ସାରସ୍ୱତସାଧକ ଲକ୍ଷ୍ମୀନାରାୟଣ | ଇଂ. ନନ୍ଦ ମହାନ୍ତି | ଟ. ୭୫/- |
| ୨୬. | ସାରସ୍ୱତସାଧକ ନନ୍ଦକିଶୋର ସାମଲ | ଡକ୍ଟର କାର୍ତ୍ତିକେଶ୍ୱର ସାହୁ | ଟ. ୬୫/- |
| ୨୭. | ଆଧୁନିକ ସମ୍ବଲପୁରୀ କବିତା | ସଂ: ଶ୍ରୀ ହରିଶଙ୍କର ବଡ଼ପଣ୍ଡା ଓ ଅନ୍ୟମାନେ | ଟ. ୫୦/- |
| ୨୮. | ଓଡ଼ିଆ ପ୍ରଗତିଶୀଳ କବିତା | ସଂ: ଡକ୍ଟର ହୁସେନ୍ ରବିଗାନ୍ଧୀ | ଟ. ୧୨୫/- |
| ୨୯. | Selected Stories:Surendra Mohanty | Smt. C.Narayan Swami | ଟ. ୭୫/- |
| ୩୦. | Wandering Words: | Aurobinda Behera & Sri Sangram Jena | ଟ. ୧୫୦/- |
| ୩୧. | ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା | ଡକ୍ଟର ସତ୍ୟ ପ୍ରକାଶ ଦାସ | ଟ. ୯୦/- |
| ୩୨. | ପଶ୍ଚିମ ଓଡ଼ିଶାର କଥିତ ଓଡ଼ିଆ ଭାଷା | ଡକ୍ଟର ଗୋପବନ୍ଧୁ ରଥ | ଟ. ୭୦/- |
| ୩୩. | ଓଡ଼ିଆ ଲେଖକ ପରିଚୟ (ପ୍ରାଚୀନ ଭାଗ) | ଡକ୍ଟର କୃଷ୍ଣଚରଣ ସାହୁ | ଟ. ୯୦/- |
| ୩୪. | ପ୍ରାଚୀନ ଓଡ଼ିଆ ଗଦ୍ୟ ସଂକଳନ | ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ | ଟ. ୮୦/- |
| ୩୫. | ରାଧାନାଥଙ୍କ ଅନନ୍ୟ ପ୍ରତିଭା | ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ | ଟ. ୪୦/- |
| ୩୬. | ସ୍ୱାମୀ ବିବେକାନନ୍ଦ | ଶ୍ରୀ ସୌରୀବନ୍ଧୁ କର | ଟ. ୭୦/- |
| ୩୭. | କବି ବ୍ରଜନାଥ ବଡ଼ଜେନା | ଡକ୍ଟର ରବୀନ୍ଦ୍ର କୁମାର ପ୍ରହରାଜ | ଟ. ୭୦/- |
| ୩୮. | ଗୋପାଳଚନ୍ଦ୍ର ପ୍ରହରାଜ | ଡକ୍ଟର ଗୌରାଙ୍ଗ ଚରଣ ଦାଶ | ଟ. ୯୫/- |
| ୩୯. | ବିଦଗ୍ଧ କବି ଅଭିମନ୍ୟୁ | ଡକ୍ଟର କାହ୍ନୁଚରଣ ମିଶ୍ର | ଟ. ୬୫/- |
| ୪୦. | ବଣ୍ଡା ପର୍ବତର ଅଧିବାସୀ | ସଂ: ଶ୍ରୀ ରାଇଚରଣ ଦାସ | ଟ. ୪୫/- |
| ୪୧. | ବ୍ରତ ସାହିତ୍ୟ | ଡକ୍ଟର ଅରବିନ୍ଦ ପଟ୍ଟନାୟକ | ଟ. ୧୨୫/- |
| ୪୨. | ଓଡ଼ିଆ ଶିଶୁ ସଙ୍ଗୀତ ସଂକଳନ | ସଂ : ରାମକୃଷ୍ଣ ନନ୍ଦ | ଟ. ୯୦/- |
| ୪୩. | କଥା କୁଟୁମ୍ବ | ଡକ୍ଟର ଗିରିବାଳା ମହାନ୍ତି | ଟ. ୫୦/- |
| ୪୪. | ନାଟ୍ୟକାର ରାମଶଙ୍କର | ଡକ୍ଟର ହେମନ୍ତ କୁମାର ଦାଶ | ଟ. ୬୦/- |
| ୪୫. | ଭକ୍ତକବି ମଧୁସୂଦନ ରାଓ | ଡକ୍ଟର ମଧୁସୂଦନ ପତି | ଟ. ୫୦/- |
| ୪୬. | ଜଗନ୍ନାଥ ଦାସ | ଡକ୍ଟର ଭଗବାନ ପଣ୍ଡା | ଟ. ୮୦/- |
| ୪୭. | ବଳରାମ ଦାସ | ଡକ୍ଟର କୃଷ୍ଣଚରଣ ସାହୁ | ଟ. ୯୫/- |
| ୪୮. | କବି ଗୋପାଳକୃଷ୍ଣ | ଡକ୍ଟର ହରିହର କାନୁନ୍‌ଗୋ | ଟ. ୧୦୦/- |
| ୪୯. | କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ | ପଣ୍ଡିତ ନୀଳମଣି ମିଶ୍ର | ଟ. ୬୫/- |
| ୫୦. | ପଚାଶ ବର୍ଷ : ଓଡ଼ିଆ ସାହିତ୍ୟ | ସଂ : ଡକ୍ଟର ହରପ୍ରସାଦ ପରିଚ୍ଛା ପଟନାୟକ<br>ଡକ୍ଟର ବିଜୟାନନ୍ଦ ସିଂହ | |

## ଜୟନ୍ତ ମହାପାତ୍ରଙ୍କୁ ପଦ୍ମଶ୍ରୀ



ଓଡ଼ିଆ ଓ ଇଂରାଜୀ ସାହିତ୍ୟର ପ୍ରବୀଣ କବି ଜୟନ୍ତ ମହାପାତ୍ରଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଅଛି । ୧୯୨୮ ମସିହାରେ ଜନ୍ମିତ ଜୟନ୍ତ ମହାପାତ୍ର ୮୧ ବର୍ଷ ବୟସରେ ପଦାର୍ପଣ କରିଥିଲେ ସୁଦ୍ଧା ତାଙ୍କର ଲେଖନୀ ଏବେ ବି ଯୁବ ସୁଲଭ ଢଙ୍ଗରେ ଚଳଚଞ୍ଚଳ ଅଛି । ଶ୍ରୀ ମହାପାତ୍ର ଏଥିପୂର୍ବରୁ ଇଂରାଜୀ ଭାଷାରେ ଭାରତୀୟ କବି ଭାବରେ ତାଙ୍କର ରଚନା ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ପଦାର୍ଥ ବିଜ୍ଞାନର ଅଧ୍ୟାପକ ଭାବରେ ସେ ନିଜର କର୍ମମୟ ଜୀବନ ଆରମ୍ଭ କରି ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ ଅଧ୍ୟାପକ ଭାବରେ କାର୍ଯ୍ୟକରି ୧୯୮୬ ମସିହାରୁ ସରକାରୀ ଚାକିରିରୁ ଅବସର ଗ୍ରହଣ କରି ତାଙ୍କ ତିନି କୋଣିଆ ବଗିଚାସ୍ଥିତ ବାସଭବନରେ ରହୁଛନ୍ତି । କ୍ଲୋଜ ଦି ସ୍କାଏ, ଟେନ୍ ବାଇ ଟେନ୍, ଏ ଫାଦରସ୍ ଆୱାରସ୍, ୱେଟିଂ, ରିଲେସନସିପ୍, ବର୍ଡ଼ନ ଅଫ୍ ୱେଭ୍‌ସ୍ ଆଣ୍ଡ ଫ୍ରୁଟ୍, ଏ ହ୍ୱାଇଟନେସ୍ ଅଫ ବୋନ୍ ଇତ୍ୟାଦି ତାଙ୍କର ଇଂରାଜୀ କବିତା ସଂକଳନ ଦେଶ ବିଦେଶରେ ଚର୍ଚ୍ଚିତ ହୋଇଥିବା ସ୍ଥଳେ ଓଡ଼ିଆ କବିତା ସଂକଳନ ବଳି, କହିବି ଗୋଟିଏ କଥା, ବାୟାରାଜା, ଟିକିଏ ଛାଇ ଇତ୍ୟାଦି ଓଡ଼ିଆ କବିତାର ସୁଖପାଠ୍ୟ ପୁସ୍ତକ ଭାବରେ ପ୍ରସିଦ୍ଧି ଅର୍ଜନ କରିଛି । ତାଙ୍କର ଅନେକ କବିତା ଆନ୍ତର୍ଜାତୀୟ ସ୍ତରର ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ସେ ଆମେରିକା, ଇଉରୋପର ଅନେକ ଦେଶ, ସିଙ୍ଗାପୁର,ଜାପାନ, ଋଷିଆ, ଫିଲପାଇନସ୍, ସହିତ ଅନେକ ଦେଶ ପକ୍ଷରୁ ଆମନ୍ତ୍ରିତ ହୋଇ ସେଠାରେ ତାଙ୍କର ସ୍ୱରଚିତ କବିତା ପାଠ କରିଛନ୍ତି ।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ : ୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ୍ : orissasahityaakademi@rediffmail.com
ୱେବ୍ ସାଇଟ୍ : www.orissasahityaakademi.org

ସଂପାଦନା :
ରବି ରାୟ
*ପ୍ରଯୋଜନା ଅଧିକାରୀ*

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ, ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫସେଟ୍ ପ୍ରା.ଲିଃ, ଏଫ୍-୬୬/୧,ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର